# NATIONAL NEWS BULLETIN (ODIA)

## 13 September - 2025

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ମିଜୋରାମ, ମଣିପୁର ଓ ଆସାମ ଗସ୍ତ କରି ଅନେକ ଗୁଡ଼ିଏ ପ୍ରକଳ୍ପର ଆଜି ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ
- ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣା ନେଇ ସେ ଆଶାବାଦୀ ଥିବା କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ
- ନେପାଳରେ ନୂଆ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନକୁ ସ୍ୱାଗତ କଲା ଭାରତ

ଏବଂ

- କର୍ଣ୍ଣାଟକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ମୃତ, ୨୦ ଆହତ

# ପିଏମ୍ : ନର୍ଥ-ଇଷ୍ଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମିଜୋରାମ, ମଣିପୁର ଏବଂ ଆସାମ ଗସ୍ତକରି ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ମିଜୋରାମ୍ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଆଜି ସକାଳେ ୯ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଶ୍ରୀ ମୋଦୀ ସେଠାରେ ଏକ ସାଧାରଣସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ପରେ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରି ୮ ହଜାର ୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ମଣିପୁରରେ ଶ୍ରୀ ମୋଦୀ ଚୁରାଚନ୍ଦପୁରଠାରେ ଆଜି ଅପରାହ୍ନରେ ୭ ହଜାର ୩୦୦କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ । ପରେ ପ୍ରଧାନମନ୍ତ୍ରୀ ଇମ୍ଫାଲ୍‌ଠାରେ ୧୨ଶହ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଆସାମ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୌହାଟୀ ସ୍ଥିତ ଭାରତ ରତ୍ନ ଡକ୍ଟର ଭୁପେନ ହଜାରିକାଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ସେଠାରେ ଆୟୋଜିତ ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବେ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଆସାମରେ ପ୍ରମୁଖ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିବେ । ଏହାର ମୂଲ୍ୟ ୧୮ ହଜାର ୫୩୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଶ୍ରୀ ମୋଦୀ

ନୁମାଲିଗଡ଼ଠାରେ ଆସାମ ବାୟୋ ଇଥାନଲ୍ ପ୍ରାଇଭେଟ୍ ଲିମିଟେଡ୍ର ଉଦ୍‌ଘାଟନ କରିବା ସହ ଗୋଲାଘାଟରେ ମଧ୍ୟ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ସୋମବାର ଦିନ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତ କରି କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଷୋଡ଼ଶ କମାଣ୍ଡରସ୍ତରୀୟ ଯୁଗ୍ମ ସମ୍ମିଳନୀରେ ଯୋଗଦେବେ । ସେହିଦିନ ପ୍ରଧାନମନ୍ତ୍ରୀ ବିହାର ଗସ୍ତ କରି ପୁର୍ଣ୍ଣିଆ ବିମାନ ବନ୍ଦରର ନୂଆ ଟର୍ମିନାଲ୍ କୋଠାର ଉଦ୍‌ଘାଟନ କରିବେ । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ପୂର୍ଣ୍ଣିଆଠାରେ ୩୬ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେଠାରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ବୈଷ୍ଣବ-ମିଜୋରାମ

ମିଜୋରାମରେ ଆଜି ଭୈରବୀ-ସାଇରଙ୍ଗ ରେଳ ଲାଇନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହାକୁ ଏକ ଐତିହାସିକ ସଫଳତା ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପ୍ରଥମଥର ଲାଗି ଭାରତୀୟ ରେଳ ଇତିହାସରେ ଏହି ରେଳ ଲାଇନ୍ ମିଜୋରାମର ରାଜଧାନୀ ଆଇଜଲକୁ ସଂଯୋଗ କରିବ । ଆଇଜଲ୍‌ଠାରୁ ୨୦ କିଲୋମିଟର ଦୂର ସାଇରଙ୍ଗ ରେଳ ଷ୍ଟେସନରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ରେଳ ଲାଇନ୍‌ରେ ମୋଟ୍ ୪୫ଟି ଟନେଲ୍ ଥିବାବେଳେ ୫୫ଟି ସେତୁ ରହିଛି ।

ନୂଆ ରେଲଲାଇନ୍ ମିଜୋରାମର ଲୋକମାନଙ୍କୁ କେବଳ ରେଳ ସଂଯୋଗୀକରଣ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ ନାହିଁ, ବରଂ ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ । ମନ୍ତ୍ରୀ କହିଛନ୍ତି, ଆଜି ୩ଟି ଟ୍ରେନ୍‌ର ଶୁଭାରମ୍ଭ କରାଯିବ । ସାଇରଙ୍ଗ-ଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ସମେତ ମିଜୋରାମ ଏକ୍ସପ୍ରେସ୍ ଦୈନିକ ଗୌହାଟୀ ଏବଂ ଅନ୍ୟ ଏକ ଟ୍ରେନ୍ କୋଲକାତା ଯାତ୍ରା କରିବ ।

ସେ କହିଛନ୍ତି, ଆସନ୍ତାକାଲି ମିଜୋରାମରେ ମାଲ୍‌ବାହୀ ଟ୍ରେନ୍ ପହଞ୍ଚିବ, ଯାହାଫଳରେ ମିଜୋରାମର ଫଳ ଦେଶର ଅନ୍ୟଭାଗକୁ ସହଜରେ ପରିବହନ କରାଯାଇ ପାରିବ । ମନ୍ତ୍ରୀ କହିଛନ୍ତି, ୨୦୧୪ ପରଠାରୁ ନରେନ୍ଦ୍ର ମୋଦୀ ସରକାର ଉତ୍ତର-ପୂର୍ବାଞ୍ଚଳରେ ରେଳ ସଂଯୋଗୀକରଣର ବିକାଶ ଲାଗି ଉଦ୍ୟମ କରିଆସୁଛନ୍ତି ।

## ଟ୍ରମ୍ପ-ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ରୁଷ୍‌ରୁ ଅଶୋଧିତ ତୈଳ କିଣିବା ନେଇ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବା ଉଭୟ ଦେଶ ମଧ୍ୟରେ ସଂପର୍କକୁ ତିକ୍ତ କରିଛି । ଗତକାଲି ଏକ ଘରୋଇ ଟିଭିଚ୍ୟାନେଲ୍ ସହ ସାକ୍ଷାତକାର ଅବସରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ତିକ୍ତତା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ବୁଝାମଣା ନେଇ ସେ ଆଶାବାଦୀ ଅଛନ୍ତି । ସେ କହିଛନ୍ତି, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ଆମେରିକା ପାଇଁ ସହଜ ନଥିଲା । ସାକ୍ଷାତକାର ସମୟରେ

ରୁଷ୍ ବିରୋଧରେ ଆମେରିକା କେଉଁଭଳି ପଦକ୍ଷେପ ନେବା ସଂପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ରୁଷ୍ ଉପରେ ଚାପ ପ୍ରୟୋଗ କରିବାର କାରଣ ହେଉଛି ୟୁକ୍ରେନ୍ ସହ ସଂଘର୍ଷ ସମାପ୍ତ କରିବା । ଆଗାମୀ ଦିନରେ ଶୁଳ୍କ ଲାଗୁ ବ୍ୟତୀତ ରୁଷ୍ ବିରୁଦ୍ଧରେ ଅନେକ ଗୁଡ଼ିଏ କଠୋର ଅର୍ଥନୈତିକ କଟକଣା ଜାରି କରାଯିବ ବୋଲି ସେ କହିଛନ୍ତି ।

ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିନିଧି ତଥା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ କହିଛନ୍ତି, ଭାରତ' ଆମେରିକାର ଏକ ପ୍ରମୁଖ ରଣନୈତିକ ସହଭାଗୀ । ତେଣୁ ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଏବଂ ଅର୍ଥନୈତିକ ବୁଝାମଣା ଆହୁରି ସୁଦୃଢ଼ ହେବ । ଉଭୟ ଆମେରିକା ଏବଂ ଭାରତ ବାଣିଜ୍ୟ ଚୁକ୍ତି ସଂପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## ଏମ୍ଇଏ-ନେପାଳ

ନେପାଳରେ ସୁଶୀଲା କାର୍କୀଙ୍କ ନେତୃତ୍ୱରେ ନୂଆ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ନେଇ  ଭାରତ ସ୍ୱାଗତ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ସୂଚନାରେ କୁହାଯାଇଛି, ନୂଆ ମଧ୍ୟବର୍ତ୍ତୀକାଳୀନ ସରକାର ନେପାଳରେ ଶାନ୍ତି ଏବଂ ସ୍ଥିରତା ଆଣିବା ପାଇଁ ଉଦ୍ୟମ କରିବ । ମନ୍ତ୍ରଣାଳୟ କହିଛି, ପଡ଼ୋଶୀ ଭାବରେ ଭାରତ' ନେପାଳରେ ଗଣତନ୍ତ୍ରର ପୁନଃସ୍ଥାପନ ଏବଂ ଦୀର୍ଘକାଳୀନ ବିକାଶ କାର୍ଯ୍ୟକୁ ସମର୍ଥନ କରୁଛି । ଆଗାମୀ ଦିନରେ ଭାରତ' ନେପାଳ ସହିତ କାର୍ଯ୍ୟ କରିବ ଏବଂ ଉଭୟ

ଦେଶର ଜନସାଧାରଣଙ୍କର ସମସ୍ତ କ୍ଷେତ୍ରରେ ବିକାଶ ପାଇଁ ଉଦ୍ୟମ କରିବ ।

## ୟୁପିଆଇ ଲିମିଟ୍

ଭାରତୀୟ ରାଷ୍ଟ୍ରୀୟ ଦେୟ ନିଗମ-ଏନ୍‌ପିସିଆଇ ୟୁପିଆଇ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ସାଧାରଣ ଉପଭୋକ୍ତା ବ୍ୟବସାୟୀମାନଙ୍କୁ ୟୁପିଆଇ ଜରିଆରେ ଯେଉଁ ଦେୟ ପ୍ରଦାନ କରୁଛନ୍ତି, ସେକ୍ଷେତ୍ରରେ ଏନ୍‌ପିସିଆଇ କରିଥିବା ପରିବର୍ତ୍ତନ ଆସନ୍ତା ସୋମବାରଠାରୁ ଲାଗୁ ହେବ । ଏହି ପରିବର୍ତ୍ତନ ଅନୁଯାୟୀ ଅଧିକ ପରିମାଣର ଅର୍ଥ ପୈଠ କରିବା ଏଣିକି ସହଜ ହୋଇପାରିବ । ଗୋଟିଏ ଦିନରେ ବାଣିଜ୍ୟିକ ଦେୟ କ୍ଷେତ୍ରରେ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇ ପାରିବ । ତେବେ ଉପଭୋକ୍ତାଙ୍କ ମଧ୍ୟରେ ଏହି ସୀମା ୧ଲକ୍ଷ ଟଙ୍କା ମଧ୍ୟରେ ରହିଥିବା ଜଣାପଡ଼ିଛି ।

## କର୍ଣ୍ଣାଟକ-ଆକ୍ସିଡେଣ୍ଟ

କର୍ଣ୍ଣାଟକର ହସନ୍ ଜିଲ୍ଲାରେ ଗତ ସନ୍ଧ୍ୟାରେ ଗଣେଶମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଚାଲିଥିବା ବେଳେ ଏକ ମାଲ୍‌ବାହୀ ଟ୍ରକ୍ ନିୟନ୍ତ୍ରଣ ହରାଇ ଭିଡ଼ ମଧ୍ୟକୁ ଚାଲିଯିବାରୁ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୨୦ ଜଣ ଆହତ ହୋଇଛନ୍ତି । ପୋଲିସ୍ ସୂଚନା ଅନୁଯାୟୀ ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ୮ ଜଣ ମୃତକଙ୍କ ମଧ୍ୟରୁ

୫ ଜଣ ଇଞ୍ଜିନିୟରିଂ ଛାତ୍ର ଅଛନ୍ତି । ସେଠାକାର ପୋଲିସ୍ ଅଧିକ୍ଷକଙ୍କ କହିବା ଅନୁଯାୟୀ ୩୭୩ ନମ୍ବର ଜାତୀୟ ରାଜପଥ ଉପରେ ଏହି ଦୁର୍ଘଟଣା ଘଟିଛି । ବିପରୀତି ଦିଗରୁ ଆସୁଥିବା ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଟ୍ରକ୍ ନିୟନ୍ତ୍ରଣ ହରାଇଥିଲା । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## ଜିଏସ୍‌ଟି-ରିଫର୍ମ ଫୁଡ୍ ଆଇଟମ୍

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରୁ ଘୋଷଣା କରିବା ପରେ ଜିଏସ୍‌ଟି ପରିଷଦ ଅନେକ ଗୁଡ଼ିଏ ସେବା ଓ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିଛି । ଚଳିତମାସ ୩ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ୪ ଥାକିଆ ଜିଏସଟି ସ୍ଲାବ୍‌କୁ ପରିବର୍ତ୍ତନ କରାଯାଇ ଦୁଇଟି ମଧ୍ୟରେ ସୀମିତ ରଖାଯାଇଛି । ଅନେକଗୁଡ଼ିଏ ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏହି ପରିବର୍ତ୍ତନ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣ ସହଜ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଏବଂ କ୍ଷେତ୍ରସନାରୀ ସାମଗ୍ରୀ ଉପରେ ଜିଏସଟି

ହାର ହ୍ରାସ କରିଛନ୍ତି । ପୂର୍ବରୁ ୧୨  ଏବଂ ୧୮ ପ୍ରତିଶତ ଜିଏସଟି ଲାଗୁ ହେଉଥିବା ବେଳେ ଏହାକୁ ହ୍ରାସ କରାଯାଇ ୫ ପ୍ରତିଶତ ରଖାଯାଇଥିବା ବେଳେ କେତେକ ସାମଗ୍ର ଉପରେ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ବିସ୍କୁଟ୍, ଚକୋଲେଟ୍ ଭଳି ସାମଗ୍ରୀ ଉପରେ ମାତ୍ର ୫ ପ୍ରତିଶତ ଜିଏସଟି ଲାଗୁ ହୋଇଛି ।

ଦୁଗ୍ଧଜାତ ସାମଗ୍ରୀ, ପାଉଁରୁଟି, ଚାଉଳ, ଗହମ ଓ ଡାଲି ଜାତୀୟ ପଦାର୍ଥରୁ ପ୍ରସ୍ତୁତ ଖାଦ୍ୟପଦାର୍ଥ ଉପରେ ଜିଏସଟି ସଂପୂର୍ଣ୍ଣ ଛାଡ଼ କରାଯାଇଛି । ବିଶେଷକରି ଷ୍ଟେସନାରୀ ଦ୍ରବ୍ୟ ଗୁଡ଼ିକ ଟିକସ ମୁକ୍ତ ହେବା ଫଳରେ ଛାତ୍ରଛାତ୍ରୀମାନଙ୍କୁ ଏହା ସହାୟକ ହେବ ବୋଲି କୁହାଯାଇଛି । ପେନସିଲ୍, ଇରେଜର, ନୋଟ୍‌ବୁକ୍ ଭଳି ପଦାର୍ଥ ଗୁଡ଼ିକୁ ଜିଏସଟି ପରିସର ବାହାରେ ରଖାଯାଇଛି । ସାଧାରଣ ଲୋକଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ଉଦ୍ଦେଶ୍ୟରେ ଜିଏସଟି ପରିଷଦ ନେଇଥିବା ନିଷ୍ପତ୍ତିକୁ ଦେଶର ଅର୍ଥନୀତି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଓ ସାଧାରଣ ଜନତା ସମର୍ଥନ କରିଛନ୍ତି ।

## ଇଣ୍ଡିଆ-ୟୁଏନ୍-ପାଲେଷ୍ଟାଇନ୍

ଜାତିସଂଘ ସାଧାରଣ ସଭାରେ ଭାରତ ପାଲେଷ୍ଟାଇନ୍ ସପକ୍ଷରେ ଆଗତ ପ୍ରସ୍ତାବକୁ ସମର୍ଥନ କରିଛି । ପାଲେଷ୍ଟାଇନ୍‌ର ସମସ୍ୟା ଏବଂ ତାହାର ସମାଧାନ ଲାଗି ନିଉୟର୍କ ଘୋଷଣାନାମାର ଗ୍ରହଣୀୟତା ସପକ୍ଷରେ ଭାରତ ଭୋଟ୍‌ଦାନ କରିଛି । ଗତକାଲି ଫ୍ରାନ୍ସ ଦ୍ୱାରା ଆଗତ ଏହି ପ୍ରସ୍ତାବକୁ ୧୪୨ଟି ଦେଶ ସମର୍ଥନ କରିଥିଲେ । ୧୦ଟି ଦେଶ ଏହି ପ୍ରସ୍ତାବ

ବିରୁଦ୍ଧରେ ଯାଇଥିବା ବେଳେ ୧୨ଟି ଦେଶ ଭୋଟିଂରୁ ବିରତ ରହିଥିଲେ । ଆର୍ଜେଣ୍ଟିନା, ହଙ୍ଗେରୀ, ଇସ୍ରାଏଲ୍ ଏବଂ ଆମେରିକା ଏହି ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଥିବା ଜଣାପଡ଼ିଛି । ପ୍ରସ୍ତାବକୁ ସମର୍ଥନ କରିଥିବା ୧୪୨ଟି ଦେଶ ମଧ୍ୟରେ ଭାରତ ରହିଛି । ଏହି ଘୋଷଣାନାମାରେ ସମର୍ଥନ କରିଥିବା ଦେଶଗୁଡ଼ିକ ଗାଜାରେ ଯୁଦ୍ଧ ବନ୍ଦ କରିବା ଲାଗି ସମ୍ମିଳିତ ଉଦ୍ୟମ କରିବେ ବୋଲି କୁହାଯାଇଛି । ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ସଂଘର୍ଷର ଯେଭଳି ଏକ ଦୀର୍ଘକାଳୀନ ସମାଧାନ ହୋଇପାରିବ ଏବଂ ପାଲେଷ୍ଟାଇନ୍‌ର ନାଗରିକମାନଙ୍କ ଭବିଷ୍ୟତ ଗଠନ କରାଯାଇ ପାରିବ, ସେ ଦିଗରେ ପଦକ୍ଷେପ ନେବା ଲାଗି ଏହି ଘୋଷଣାନାମାରେ ବ୍ୟବସ୍ଥା ରହିଛି ।